# NATIONAL NEWS BULLETIN (ODIA)
## 7 August - 2026
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ନିଟ୍ ଏବଂ ଅନ୍ୟ ପ୍ରସଙ୍ଗ ଉପରେ ବିରୋଧି ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହ ମୁଲତବୀ ।
- ଭୁବନେଶ୍ୱରରେ ଶେଷ ହେଲା ତ୍ରୟୋଦଶ ବ୍ରିକ୍ସ ଶିକ୍ଷାମନ୍ତ୍ରୀ ସମ୍ମିଳନୀ ।

– ସର୍ବସମ୍ମତି କ୍ରମେ ଗୃହିତ ହେଲା ବ୍ରିକ୍ସ ଶିକ୍ଷାମନ୍ତ୍ରୀଙ୍କ ଘୋଷଣାପତ୍ର ।

- ହିଂସାମୁକ୍ତ ପରିବେଶ ମଧ୍ୟରେ ପାକିସ୍ତାନ ସହ ଭାରତର ସମ୍ପର୍କ ସ୍ଥାପିତ ହୋଇପାରିବ, କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ରକ୍‌ସିତା ରାମରାଜ ଏବଂ ଅସ୍ମିତା ଚାଲିଆ କୋରିଆ ମାଷ୍ଟର୍ସ୍ ମହିଳା ସିଙ୍ଗଲ୍ସ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ।

# ଏଲ୍‌ଏସ୍-ଆର୍‌ଏସ୍-ଆଡଜର୍ଣ୍ଣ

ନିଟ୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ସଂସଦର ଉଭୟ ଗୃହରେ ବିରୋଧି ସଦସ୍ୟମାନଙ୍କ କ୍ରମାଗତ ହଟ୍ଟଗୋଳ ଯୋଗୁଁ ଉଭୟ ସଦନକୁ ଆସନ୍ତା ୧୦ ତାରିଖ ଦିନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି ।

ଲୋକସଭାରେ ନିଟ୍ ପ୍ରସଙ୍ଗରେ ପ୍ରତିବାଦକାରୀ ଛାତ୍ରମାନଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ସଦସ୍ୟମାନଙ୍କ ହଟ୍ଟଗୋଳ ଯୋଗୁଁ ସଦନକୁ ବାଚସ୍ପତି ଆଜି ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଦିନ ୧୧ଟା ବେଳେ ଲୋକସଭାର କାର୍ଯ୍ୟଦିବସ ଆରମ୍ଭ ହେବା କ୍ଷଣି ବାଚସ୍ପତି ଓମ୍ ବିର୍ଲା ଭାରତଛାଡ ଆନ୍ଦୋଳନରେ ଭାଗ ନେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେ କହିଥିଲେ ଆସନ୍ତା ଅଗଷ୍ଟ ୯ ତାରିଖ ଦିନ ଭାରତଛାଡ ଆନ୍ଦୋଳନର ୮୪ତମ ବାର୍ଷିକୀ ପାଳନ କରାଯିବ । ମହାତ୍ମାଗାନ୍ଧୀଙ୍କ ଐତିହାସିକ ଡାକରା ‘କର ବା ମର’କୁ ସ୍ମରଣ କରି ଶ୍ରୀ ବିର୍ଲା କହିଥିଲେ ଜାତୀୟ ଏକତା, ସାହସ, ସତ୍ୟ ଏବଂ ଅହିଂସାର ପ୍ରତୀକ ଭାବେ ଭାରତଛାଡ ଆନ୍ଦୋଳନ ଡାକରା ଦିଆଯାଇଥିଲା । ସେ କହିଥିଲେ ଦେଶର ଗଣତନ୍ତ୍ର, ସ୍ୱାଧୀନତା, ଜାତୀୟ ଏକତା ଏବଂ ମୂଲ୍ୟବୋଧକୁ

ଦୃଷ୍ଟିରେ ରଖି ଏହି ଆନ୍ଦୋଳନର ଡାକରା ଦିଆଯାଇଥିଲା । ଏହି ଜନ ଆନ୍ଦୋଳନରେ ଭାରତର ସ୍ୱାଧୀନତା ଲାଭ କରିବାର ବାଟ ଫିଟିବା ସହ ଦେଶବାସୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଥିଲା ବୋଲି ବାଚସ୍ପତି କହିଥିଲେ ।

ଶ୍ରୀ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବାକୁ ଚାହୁଁଥିବାବେଳେ ବିରୋଧୀ ଦଳର ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ବିରୋଧୀଦଳ' ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗୃହରେ ବିବୃତ୍ତି ରଖନ୍ତୁ ବୋଲି ଦାବି କରିଥିଲେ । ତେବେ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଶ୍ରୀ ବିର୍ଲା କହିଥିଲେ ସଂସଦ ହେଉଛି ଆଲୋଚନାର ଏକ ଅନୁଷ୍ଠାନ, ଯେଉଁଥିରେ ବିଭିନ୍ନ ପ୍ରଶ୍ନୋତ୍ତର ଆଲୋଚନା କରାଯାଇ ମତ ବିନିମୟ ହୋଇଥାଏ, ତେବେ ବିରୋଧୀଙ୍କର ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ଚଳାଇବା ସମ୍ଭବ ହେଉନାହିଁ ।

ଅନୁରୂପ ଭାବେ ରାଜ୍ୟସଭାରେ ମଧ୍ୟ ବିରୋଧି ସଦସ୍ୟଙ୍କ ହଟ୍ଟଗୋଳ ଜାରି ରହିବାରୁ ଅଧ୍ୟକ୍ଷ ଶ୍ରୀ ରାଧାକ୍ରିଷ୍ଣନ୍ ଗୃହକୁ ଆସନ୍ତା ସୋମବାର ଦିନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ।

## ସଂସଦ

ସଂସଦରେ ଆଜି କ୍ଷୁଦ୍ର, ଅଣୁ, ମଧ୍ୟମ ଉଦ୍ୟୋଗ ବିକାଶ ଏମ୍.ଏସ୍.ଏମ୍.ଇ. ସଂଶୋଧନ ବିଲ୍ ୨୦୨୬ ଗୃହିତ ହୋଇଛି । ଲୋକସଭାରେ ଆଜି ଏହା ଅନୁମୋଦିତ ହୋଇଥିବା ବେଳେ ରାଜ୍ୟସଭାରେ ଗତ ସୋମବାର ଏହି ବିଲ୍ ପାସ୍ ହୋଇଥିଲା । ଲୋକସଭାରେ ଆଜି ଏମ୍.ଏସ୍.ଏମ୍.ଇ. ମନ୍ତ୍ରୀ ଜିତନ୍ ରାମ ମାଝିଁ ଏହି ବିଲ୍‌ଟିକୁ ଆଗତ କରିଥିଲେ । ବିଭିନ୍ନ ବିବାଦୀୟ ପ୍ରସ୍ତାବ ଗୁଡ଼ିକର ଏବଂ ଦେୟ ବିଳମ୍ବର ଶୀଘ୍ର ସମାଧାନ ନେଇ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି ।

## ବ୍ରିକ୍ସ-ଶିକ୍ଷାମନ୍ତ୍ରୀ ସମ୍ମିଳନୀ

ଭୁବନେଶ୍ୱରରେ ଆୟୋଜିତ ତ୍ରୟୋଦଶ ବ୍ରିକ୍ସ ଶିକ୍ଷାମନ୍ତ୍ରୀ ସମ୍ମିଳନୀ ଆଜି ସଫଳତାର ସହ ଶେଷ ହୋଇଛି। ସମ୍ମିଳନୀରେ ବ୍ରିକ୍ସ ଶିକ୍ଷାମନ୍ତ୍ରୀଙ୍କ ଘୋଷଣାପତ୍ର ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ସମ୍ମିଳନୀ ପରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଅନ୍ତର୍ଭୁକ୍ତିମୂଳକ, ସ୍ଥିର ଓ ଭବିଷ୍ୟତମୁଖୀ ଶିକ୍ଷା ବ୍ୟବସ୍ଥା ଗଠନ ପାଇଁ ପ୍ରତିଷ୍ଠାନଗତ ସହଯୋଗ, ଦକ୍ଷତା ବିକାଶ ଏବଂ

ଜ୍ଞାନର ଆଦାନ-ପ୍ରଦାନକୁ ଆହୁରି ସୁଦୃଢ଼ କରିବାକୁ ପୁନଃ ପ୍ରତିବଦ୍ଧତା ବ୍ୟକ୍ତ କରିଛନ୍ତି।

ଶ୍ରୀ ଯୋଶୀ କହିଛନ୍ତି, ବ୍ରିକ୍ସ ଗୋଷ୍ଠୀ ଏବଂ ଏହାର ସହଯୋଗୀ ଦେଶଗୁଡ଼ିକ ବିଶ୍ୱର ମୋଟ ଜି.ଡି.ପି.ର ପ୍ରାୟ ୪୦ ପ୍ରତିଶତ ଏବଂ ବିଶ୍ୱ ଜନସଂଖ୍ୟାର ପ୍ରାୟ ୫୦ ପ୍ରତିଶତ ପ୍ରତିନିଧିତ୍ୱ କରୁଛନ୍ତି। ଚଳିତ ବର୍ଷ ସମ୍ମିଳନୀର ବିଷୟବସ୍ତୁ ‘ସହଯୋଗ ଓ ସ୍ଥାୟୀ ବିକାଶ ପାଇଁ ସ୍ଥିରତା ଏବଂ ନବସୃଜନ’ ଥିବାବେଳେ ଯୁବବର୍ଗଙ୍କ ସକ୍ରିୟ ଅଂଶଗ୍ରହଣ ଓ ଜନସାଧାରଣଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଘୋଷଣାପତ୍ରରେ ପାଞ୍ଚଟି ପ୍ରମୁଖ ପ୍ରାଥମିକତାକୁ ସ୍ଥାନ ଦିଆଯାଇଛି। ସେଗୁଡ଼ିକ ହେଲା - ପ୍ରାରମ୍ଭିକ ଶିଶୁ ଯତ୍ନ ଓ ଶିକ୍ଷାକୁ ସୁଦୃଢ଼ କରିବା, ବ୍ରିକ୍ସ ଟି.ଭି.ଇ.ଟି. ସହଯୋଗ ମଞ୍ଚ ମାଧ୍ୟମରେ ଦକ୍ଷତା ବିକାଶକୁ ପ୍ରୋତ୍ସାହନ, ଗବେଷଣା, ନବସୃଜନ ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ସହଯୋଗ ବୃଦ୍ଧି, ଶିକ୍ଷାଗତ ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି ଏବଂ ଶିକ୍ଷାନୁଷ୍ଠାନର ନେତୃତ୍ୱ ଦକ୍ଷତାର ବିକାଶ।

ବୈଠକରେ ବିଭିନ୍ନ ବିଭାଗର ବିସ୍ତୃତ ଆଲୋଚନା କରାଯାଇ ପ୍ରତ୍ୟେକ ବିଭାଗପାଇଁ ପ୍ରସ୍ତାବିତ କାର୍ଯ୍ୟକ୍ରମ, ରଣନୀତି ଓ ପଦକ୍ଷେପ ସମ୍ପର୍କରେ ମତାମତ ଗ୍ରହଣ କରାଯାଇଥିଲା । ଯୋଜନାର ପ୍ରତ୍ୟେକ

କାର୍ଯ୍ୟକାଳପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଚୂଡ଼ାନ୍ତ କରିବା ସହ ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

## ଏଲ୍‌ଏସ୍-ଜୟଶଙ୍କର ପାକ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଭାରତର ପାକିସ୍ତାନ ସହିତ ସମ୍ପର୍କ ସନ୍ତ୍ରାସବାଦ ହିଂସା ମୁକ୍ତ ପରିବେଶ ମଧ୍ୟରେ ସମ୍ଭବ ହୋଇପାରିବ । ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ପାକିସ୍ତାନ ସୀମାପାର ସନ୍ତ୍ରାସବାଦ ନୀତିକୁ ଆପଣାଉଛି ଏବଂ ସନ୍ତ୍ରାସବାଦକୁ ଭାରତ ବିରୁଦ୍ଧରେ ବିନିଯୋଗ କରୁଛି । ମନ୍ତ୍ରୀ ଶ୍ରୀ ଜୟଶଙ୍କର କହିଛନ୍ତି, ଭାରତ ପାକିସ୍ତାନଠାରୁ ଅତ୍ୟନ୍ତ ଅନୁକୂଳ ରାଷ୍ଟ୍ରର ମାନ୍ୟତା ଏମ୍.ଏଫ୍.ଏନ୍. ପ୍ରତ୍ୟାହାର କରିଛି ଏବଂ ପୁଲୱାମା ସନ୍ତ୍ରାସବାଦୀ ଆକ୍ରମଣ ପରେ ପାକିସ୍ତାନରୁ ଆସୁଥିବା ସାମଗ୍ରୀ ଉପରେ ୨୦୦ ପ୍ରତିଶତ ଶୁଳ୍କ ବୃଦ୍ଧି କରିଛି ।

ଭାରତ' ପାକିସ୍ତାନ ବିରୁଦ୍ଧରେ ଅନେକ କୂଟନୈତିକ ପଦକ୍ଷେପ ଗ୍ରହଣ କରିଛି । ସେଥିମଧ୍ୟରେ ସିନ୍ଧୁ ଜଳନୀତି ବୁଝାମଣା ସ୍ଥଗିତ, ଅଟ୍ଟାରି ଚେକ୍‌ପୋଷ୍ଟ ବନ୍ଦ, ଭିସା ଉପରେ କଟକଣା ଆଦି ପଦକ୍ଷେପ ଗ୍ରହଣ କରିଛି । ଡକ୍ଟର ଜୟଶଙ୍କର କହିଛନ୍ତି, ପାକିସ୍ତାନ ଏବଂ ପାକ୍ ଅଧିକୃତ

ଜାମ୍ମୁ କାଶ୍ମୀର ଅଞ୍ଚଳରେ ଥିବା ସନ୍ତ୍ରାସବାଦୀ ଭିତ୍ତିଭୂମିକୁ ଲକ୍ଷ୍ୟ କରି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସେ କହିଛନ୍ତି, ସମ୍ପ୍ରତି ଭାରତ ଏବଂ ପାକିସ୍ତାନ ନିଜ ନିଜ ରାଜଧାନୀରେ କୂଟନୈତିକ ଅଭିଯାନ ଜାରି ରଖିଛନ୍ତି ।

## ଭିପି-ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆସନ୍ତା କାଲିଠାରୁ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜକୁ ଦୁଇ ଦିନିଆ ଗସ୍ତରେ ଯିବେ । ପ୍ରଥମ ପର୍ଯ୍ୟାୟରେ ଶ୍ରୀ ରାଧାକ୍ରିଷ୍ଣନ୍ ଶ୍ରୀ ବିଜୟପୁରମ୍‌ଠାରେ ସେଲୁଲାର୍ ଜେଲ୍ ଜାତୀୟ ସ୍ମାରକୀ ପରିଦର୍ଶନ କରିବେ । ସେ ସ୍ୱତନ୍ତ୍ରତା ଜ୍ୟୋତିଠାରେ ସହିଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବେ । ଏହାପରେ ସେ ବୀର୍ ସବର୍‌କରଙ୍କ ଜେଲ୍ ଗୃହ ପରିଦର୍ଶନ କରିବେ । ଦ୍ୱିତୀୟ ଦିନରେ ଉପରାଷ୍ଟ୍ରପତି ଶ୍ରୀ ବିଜୟପୁରମ୍ ସ୍ଥିତ ଫ୍ଲାଗ୍‌ପଏଣ୍ଟ ଠାରେ ଜାତୀୟ ପାତାକା ଉତ୍ତୋଳନ କରି ହର୍ ଘର ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଏହା ପରେ ଡକ୍ଟର ବି.ଆର୍. ଆମ୍ବେଦକର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଅଡିଟୋରିଓମ୍ ଠାରେ ସେ ବନ୍ଦେ ମାତରମ୍ ସମ୍ପର୍କିତ ତ୍ରିରଙ୍ଗା କନ୍‌ସର୍ଟ୍‌ର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବେ ।

ଅପରାହ୍ଣରେ ଶ୍ରୀ ରାଧାକ୍ରିଷ୍ଣନ୍ ଐତିହାସିକ ନେତାଜୀ ସୁବାସ ଚନ୍ଦ୍ର ବୋଷ ଦ୍ୱୀପ ପରିଦର୍ଶନ କରିବେ ।

## ଭୂପେନ୍ଦର-ବନ ମହୋତ୍ସବ

କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ କହିଛନ୍ତି, ହରିଆଣା ସରକାର' ଆରାବଲୀ ପର୍ବତର ସୁରକ୍ଷା ଏବଂ ବାୟୁ ପ୍ରଦୂଷଣ ରୋକିବା ଦିଗରେ କେନ୍ଦ୍ର ସରକାରଙ୍କ ସୁପାରିଶଗୁଡ଼ିକୁ ସକ୍ରିୟ ଭାବେ କାର୍ଯ୍ୟ କରୁଛି । ମାନେସାରଠାରେ ହରିଆଣାର ୭୭ତମ ବନମହୋତ୍ସବ ପାଳନ ଅବସରରେ ଶ୍ରୀ ଯାଦବ ଗୁରୁଗ୍ରାମ୍‌କୁ ଏକ ସବୁଜ ସହର ରୂପେ ଗଢ଼ି ତୋଳିବା ଲାଗି ରାଜ୍ୟ ସରକାରଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି ।

ସେ ମଧ୍ୟ ରାଜ୍ୟର ବାୟୁ ଗୁଣାତ୍ମକ ମାନର ସମୀକ୍ଷା କରିଥିଲେ । ଶ୍ରୀ ଯାଦବ ମଧ୍ୟ ମୃତିକା ସଂରକ୍ଷଣ ନିମନ୍ତେ ତୃଣଭୂମି ଅଞ୍ଚଳ ଏବଂ ଜଙ୍ଗଲ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହି ଅବସରରେ ହରିଆଣା ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନି କହିଛନ୍ତି, ବନମହୋତ୍ସବ କେବଳ ଚାରାରୋପଣ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ଏହା ପ୍ରକୃତି ପ୍ରତି ଋଣ ପରିଶୋଧ କରିବା ଲାଗି ଏକ ସୁଯୋଗ ସୃଷ୍ଟି କରିଥାଏ । 'ଏକ୍ ପେଡ୍ ମା' କେ ନାମ୍' ଅଧୀନରେ ଚଳିତ ବର୍ଷ ରାଜ୍ୟରେ ୧ କୋଟି ୪୦ ଲକ୍ଷ ଚାରା

ରୋପଣର କରିବାର ଲକ୍ଷ୍ୟ ରଖାଯାଇଥିବା ଶ୍ରୀ ସାଇନି ସୂଚନା ଦେଇଛନ୍ତି ।

## ମୁମ୍ବାଇ-ଗ୍ଲୋବାଲ୍ ସାଉଥ୍ ଫିଲ୍ମ ଫେଷ୍ଟିଭାଲ୍

ଭାରତ ଆସନ୍ତା ବର୍ଷ ପ୍ରଥମ ଗ୍ଲୋବାଲ୍ ସାଉଥ୍ ଚଳଚ୍ଚିତ୍ର ମହୋତ୍ସବ ଆୟୋଜନ କରିବ । ମୁମ୍ବାଇଠାରେ ବ୍ରିକ୍ସ ୱେଭ୍ସ ବଜାର ଚାଲିଥିବା ବେଳେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ଘୋଷଣା କରାଯାଇଛି । ଚଳଚ୍ଚିତ୍ର ଏବଂ ମନୋରଂଜନ କ୍ଷେତ୍ରରେ ଆନ୍ତର୍ଜାତିକ ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଅନେକ ବୁଝାମଣା ମଧ୍ୟ ଘୋଷଣା କରାଯାଇଛି ।

ବ୍ରାଜିଲ୍, ରୁଷିଆ, ଭିଏତ୍ନାମ ସମେତ ବିଭିନ୍ନ ଦେଶର ଭାଗିଦାରୀ ସଂସ୍ଥାନଗୁଡ଼ିକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଗତକାଲି ଠାରୁ ମୁମ୍ବାଇଠାରେ ଏହି ଦୁଇ ଦିନିଆ ୱେଭ୍ସ ବ୍ରିକ୍ସ ବଜାର ଆରମ୍ଭ ହୋଇ ଆଜି ଶେଷ ହୋଇଛି । ଏଥିରେ ୨୦ଟି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ୯୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ଏବଂ ୨୫୦ଟି ଅଧିବେଶନ କ୍ରମାନ୍ୱୟରେ ଅନୁଷ୍ଠିତ ହୋଇଥିଲା ।

# ବ୍ୟାଡ୍‌ମିଣ୍ଟନ

ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ରକ୍‌ସିତା ରାମରାଜ ଏବଂ ଅସ୍ମିତା ଚାଲିଆ କୋରିଆ ମାଷ୍ଟର୍ସ୍ ମହିଳା ସିଙ୍ଗଲ୍ସ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ଆସାନଠାରେ ଚାଲିଥିବା ପ୍ରତିଯୋଗିତାରେ ରକ୍‌ସିତା ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ତନ୍‌ଭି ଶର୍ମାଙ୍କୁ ୧୮-୨୧, ୨୧-୧୯, ୨୧-୧୮ ସେଟ୍‌ରେ କ୍ୱାର୍ଟର୍‌ଫାଇନାଲ୍‌ରେ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି । ସେହିପରି ଅସ୍ମିତା' ହିନା ଆକେଚିଙ୍କୁ ୨୦-୨୨, ୨୧-୧୫, ୨୧-୧୯ ସେଟ୍‌ରେ ପରାସ୍ତ କରି ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ଆସନ୍ତାକାଲି ସେମିଫାଇନାଲ୍‌ରେ ଅସ୍ମିତା ଏବଂ ରକ୍‌ସିତାଙ୍କ ମଧ୍ୟରେ ମୁକାବିଲା ହେବ ।

ଅନ୍ୟ ପକ୍ଷରେ ଭାରତର ପୁରୁଷ ଯୋଡ଼ି ପୃଥ୍ୱୀ କୃଷ୍ଣମୂର୍ତ୍ତି ରାୟ ଏବଂ କ୍ରିଷ୍ଣା ପ୍ରସାଦ ଗର୍‌ଗା କ୍ୱାର୍ଟର୍ ଫାଇନାଲ୍ ପର୍ଯ୍ୟାୟରେ ମାଲେସିଆ ଯୋଡ଼ିଙ୍କଠାରୁ ପରାସ୍ତ ହୋଇଛନ୍ତି ।